ISSN -2583-147X (P),Vol.- 9, Issue No.III, June 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଶାର ବୌଦ୍ଧ ଧର୍ମ ଓ ଓଡ଼ିଆ ପ୍ରାଚୀନ ସାହିତ୍ୟରେ ଏହାର ପ୍ରଭାବ

**ରୁବିନା ପାତ୍ର**

ଭାରତର ପୂର୍ବ ଉପକୂଳରେ ଓଡ଼ିଶା ଏକ ରାଜ୍ୟ ଯାହାର ନାମ କଳିଙ୍ଗ, ଉତ୍କଳ, ଉଡ୍ର ରୂପେ ପ୍ରଖ୍ୟାତ ଲାଭ କରିଛି । ଓଡ଼ିଶାର ନାମ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଛି । ପ୍ରାଚୀନ କାଳରେ ଓଡ଼ିଶା ଭୂଖଣ୍ଡ 'ଓକ୍ କଲ' ଓ 'ଓଡ୍ ଡ଼ିଶା' ନାମରେ ଦୁଇଗୋଟି କୃଷକ ଜାତି ବାସ କରୁଥିଲେ । ଏହା ବ୍ୟତୀତ ହୁଏନସାଂଙ୍କ ବିବରଣୀ ଅନୁସାରେ ଏହାକୁ କି – ଲିଙ୍ଗ ଓ ଉଚ ଯଥାକ୍ରମେ କଳିଙ୍ଗ ଓ ଉଡ୍ର ନାମରେ ଲିପିବଦ୍ଧ କରିଛନ୍ତି । ପୁନଶ୍ଚ ଦ୍ରାବିଡ଼ ଭାଷାରେ ଓକ୍ କଲ ଓ ଓଡ଼ିସୁ ଶବ୍ଦର ଅର୍ଥ ହେଉଛି ଚଷା । ଓଡ଼ିଶାର ପରିସୀମା କଥା ଆଲୋଚନା କଲେ ଆମ ପର୍ଯ୍ୟାୟକୁ ଆସେ ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଓଡ଼ିଶା ଧର୍ମ, ଦର୍ଶନ, ପୁଣ୍ୟର ରାଜ୍ୟ । ଏଠାରେ ବିଭିନ୍ନ ଧର୍ମର ଲୋକମାନେ ବସବାସ କରିଥାନ୍ତି । ସେହିପରି ଗୋଟିଏ ଧର୍ମ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି ତାହା ହେଉଛି ବୌଦ୍ଧଧର୍ମ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ବହୁତ ପ୍ରାଚୀନ ।

କିମ୍ବଦନ୍ତୀ କହେ– ସୁନ୍ଦରୀ କାରୁବାକୀ ଥିଲେ ଜଣେ କୈବର୍ତ୍ତ କନ୍ୟା । ସେହି ଅସାମାନ୍ୟ ସୁନ୍ଦରୀଙ୍କୁ ବିବାହ କରିଥିଲେ କଳିଙ୍ଗର ରାଜକୁମାର । କାରୁବାକୀଙ୍କ ସୁନ୍ଦରତାରେ ବିମୋହ ହୋଇ ମଗଧ ସମ୍ରାଟ ଅଶୋକ ତାଙ୍କୁ ବିବାହ କରିବାପାଇଁ ବିମୁଗ୍ଧ ହୋଇଥିଲେ । ମଗଧ ସମ୍ରାଟ ଅଶୋକ କଳିଙ୍ଗ ଆକ୍ରମଣ କରି କଳିଙ୍ଗ ଯୁଦ୍ଧ କଲେ । ଯେଉଁଥିପାଇଁ ଦୟାନଦୀ ରକ୍ତ ନଦୀରେ ପରିଣତ ହୋଇଯାଇଥିଲା । କଳିଙ୍ଗ ଯୁଦ୍ଧର ପରିସମାପ୍ତି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କଲା । ବୌଦ୍ଧଧର୍ମ ଅଶୋକ ଦୀକ୍ଷିତ ହୋଇଥିଲେ । କଳିଙ୍ଗରେ ଅଶୋକଙ୍କ ସମୟରେ ବୌଦ୍ଧଧର୍ମ ପ୍ରସାର ଓ ପ୍ରଚାର ଲାଭ କରିଥିଲା । କେବେଳ ସେତିକି ନୁହେଁ ନିଜ ପୁତ୍ର ମହେନ୍ଦ୍ର ଓ କନ୍ୟା ସଙ୍ଘମିତ୍ରାଙ୍କୁ ବୌଦ୍ଧଧର୍ମର ପ୍ରଚାର ପାଇଁ ସେ ସିଂହଳ ପ୍ରେରଣ କରିଥିଲେ । ଅଶୋକଙ୍କ ସାନଭାଇ ତିସସ୍ କଳିଙ୍ଗ ଆସିଥିଲେ ଏବଂ ଶେଷ ଜୀବନ ତୋଷାଳି ସନ୍ନିକଟ ଭୋଜଗିରି ବିହାରରେ ଅତିବାହିତ କରିଥିଲେ ।

ଓଡ଼ିଶାରେ ଅନେକ ସ୍ତୁପ ରହିଛି । ଧଉଳିଗିରି, ଉଦୟଗିରି, ଲଳିତଗିରି (ଚନ୍ଦ୍ରାଦିତ୍ୟ ବିହାର), ରତ୍ନଗିରି, ରାଣୀଗୁମ୍ଫା, ଚନ୍ଦ୍ରଗିରି, ପରିମଳଗିରି, ପୁଷ୍ପଗିରି ଇତ୍ୟାଦି ସ୍ଥାନରେ ବୌଦ୍ଧ ସ୍ଥାପତ୍ୟ ଓ କଳା ଏଯାବତ୍ ଲୋକମାନଙ୍କୁ ଆକୃଷ୍ଟ କରୁଛି । ଭୁବନେଶ୍ୱରର ମନ୍ଦିର ନିକଟସ୍ଥ କେତେକ ଅଂଚଳରେ ବୌଦ୍ଧସ୍ଥାପତ୍ୟ ଦେଖିବାକୁ ମିଳିଛି । ବର୍ତ୍ତମାନର ଧଉଳି ପାହାଡ଼ ଅତୀତର ସୁରଭଗିରି ବିହାର ଥିଲାବୋଲି ବୌଦ୍ଧଗ୍ରନ୍ଥ 'ଗଣ୍ଡାଭୂୟ'ରୁ ପ୍ରମାଣ ମିଳିଛି । ଏଠାରେ ଆଗୁରିୟା ସର୍ବଗାମୀ ବସବାସ କରୁଥିଲେ । ବୌଦ୍ଧ ଯୋଗ ଶିକ୍ଷାର ଏହା ପ୍ରମୁଖ କେନ୍ଦ୍ର ଥିଲା । ଧଉଳି ଓ ଜଉଗଡ଼ର ସମ୍ରାଟ ଅଶୋକଙ୍କ ଶିଳାଲେଖ ଉଲ୍ଲେଖନୀୟ । ପ୍ରାଚୀନ ବୌଦ୍ଧ ବିହାର ପରିମଳଗିରି ବର୍ତ୍ତମାନର ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ପର୍ବତ । ଏଠାରେ ବୌଦ୍ଧଭିକ୍ଷୁ ନାଗାର୍ଜୁନ ବସବାସ କରୁଥିଲେ । ବୌଦ୍ଧ ପୀଠ ଅନୁସାରେ ମୟୂରଭଞ୍ଜର ଖିଚିଙ୍ଗ, କଟକ ଜିଲ୍ଲାର ରାମେଶ୍ୱର, ସାଲେପୁର ନିକଟରେ ଥିବା ବ୍ରହ୍ମାବଣ ଫୁଲବାଣୀ ଜିଲ୍ଲାର ବୌଦ୍ଧସହର, ପୁରୀ ଜିଲ୍ଲାର ବାଣପୁର, ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଆଦି ବୌଦ୍ଧ ପରମ୍ପରା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ।

କପିଳାବାସ୍ତୁର ଲୁମ୍ବିନୀଠାରେ ଖ୍ରୀଷ୍ଟପୂର୍ବ ୫୬୬ରେ ଗୌତମବୁଦ୍ଧ ଜନ୍ମ ଗ୍ରହଣ କରିଥିଲେ । ପିତା ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଓ ମାତା ମହାମାୟା ଗୌତମବୁଦ୍ଧ ତାଙ୍କ ଜୀବନରେ ଚାରୋଟି ଦୁଃଖକୁ ଅନୁଭବ କରି ଦୁଃଖର କାରଣ ଓ ନିବାରଣ ପାଇଁ ପଥ ଖୋଜି ମାତ୍ର ୨୯ ବର୍ଷ ବୟସରେ ରାଜ୍ୟ ତ୍ୟାଗ କରି ବୁଦ୍ଧତ୍ୱ ପ୍ରାପ୍ତି ହେଲେ । ଏହି ଶିକ୍ଷା ଥିଲା ନିର୍ବାଣର ଗତିପଥ ।

ବୁଦ୍ଧଦେବଙ୍କ ସଂବୋଧି ପ୍ରାପ୍ତ ପରେ ପ୍ରାୟ ଦେଢ଼ ହଜାର ବର୍ଷ ଧରି ଓଡ଼ିଶାର ଜନଜୀବନରେ ଏହାର ଗଭୀର ପ୍ରଭାବ ରହିଛି । 'ବୌଦ୍ଧନିକାୟ' ଓ ଜାତକ କାହାଣୀରୁ ଜଣାଯାଏ ଯେ ଓଡ଼ିଶାର ଦୁଇ ବଣିକ 'ତପସୁ' ଓ 'ଭଲ୍ଲିକ' ପାଂଚଶହ ଶକଟରେ ପଣ୍ୟ ଦ୍ରବ୍ୟଘେନି ବାଣିଜ୍ୟ ଉଦ୍ଦେଶ୍ୟରେ ମଧ୍ୟଦେଶକୁ ଯାତ୍ରା କରୁଥିବା ସମୟରେ ନିରଞ୍ଜନା ନଦୀ ନିକଟରେ ଥିବା ଅଶ୍ୱତଥ ବୃକ୍ଷ ମୂଳରେ ତଥାଗତ ବୁଦ୍ଧଙ୍କ ଦର୍ଶନ ଲାଭ କରିଥିଲେ । ବୁଦ୍ଧଦେବ ସେତେବେଳେ ବୁଦ୍ଧତ୍ୱ ପ୍ରାପ୍ତି ଲାଭ କରିସାରି ନିରାହାରରେ ସେହି ନଦୀ ନିକଟରେ ପଡ଼ି ରହିଥିଲେ । ବୁଦ୍ଧତ୍ୱ ପ୍ରାପ୍ତି ପରେ ସେ ପ୍ରଥମେ ଖାଦ୍ୟ ଗ୍ରହଣ କରିଥିଲେ 'ତପସୁ' ଓ 'ଭଲ୍ଲିକ'ଙ୍କ ହାତରୁ ଏବଂ ଏହି ଦୁଇ ବଣିକ ହେଲେ ମହାନ୍ ଚାରି ଆର୍ଯ୍ୟ ସତ୍ୟର ପ୍ରଥମ ଶ୍ରୋତା । ବୁଦ୍ଧଙ୍କ ଶିଷ୍ୟତ୍ୱ ଲାଭ ପରେ ସେମାନେ ବୁଦ୍ଧଙ୍କର କେଶ ଓ ନଖ ଆଣି ଉତ୍କଳ ପ୍ରଦେଶରେ ନିର୍ମାଣ କଲେ କେଶସ୍ତୂପ ଓ ନଖସ୍ତୂପ । (୧) ବୁଦ୍ଧଙ୍କ ଦନ୍ତ ଓଡ଼ିଶା ଆଣି ଓଡ଼ିଶାର ରାଜଧାନୀ ଦନ୍ତପୁରୀ ଠାରେ ସୁରକ୍ଷିତରେ ରଖିଥିଲେ ।

ଗୌତମ ବୁଦ୍ଧଙ୍କ ପରିନିର୍ବାଣ ପରେ ମହାସଂଘ ଦୁଇ ଭାଗରେ ଯଥା- ମହାଯାନ ଓ ହୀନଯାନରେ ପରିଣତ ହୋଇଗଲା । ଅଶୋକଙ୍କ ପରବର୍ତ୍ତୀ ସମୟରେ ପ୍ରାୟ ଦୁଇଶହ ବର୍ଷପରେ ମହାଯାନର ସୃଷ୍ଟି ସମ୍ରାଟ ହର୍ଷବର୍ଦ୍ଧନ ମହାଯାନର ଅନୁଗାମୀ ଓ ପୃଷ୍ଠପୋଷକ ଥିଲେ । ନାଳନ୍ଦା ବିହାରରେ ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତାରେ ମହାଯାନ ଶାଖାର ଅଶେଷ ଉନ୍ନତି ସାଧିତ ହୋଇଥିଲା । ମହାଯାନୀ ଗୋଷ୍ଠୀ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, କଟକ ଆଦି ଜିଲ୍ଲାରେ ବସବାସ କରୁଛନ୍ତି ।

**ଓଡ଼ିଆ ପ୍ରାଚୀନ ସାହିତ୍ୟରେ ବୌଦ୍ଧଧର୍ମର ପ୍ରଭାବ:**

**ଆଦି ସାହିତ୍ୟ : ଚର୍ଯାଗୀତିକା**

ଓଡ଼ିଆ ସାହିତ୍ୟର ପ୍ରାଚୀନ ନିଦର୍ଶନ ହେଉଛି ଚର୍ଯାଗୀତିକା । ଚର୍ଯ୍ୟାଗୀତିକାର ଭାଷାକୁ ନେଇ ଏବେବି ପ୍ରଶ୍ନବାଚୀ ଉଠିଛି । ହିନ୍ଦୀ, ବଙ୍ଗଳା, ମୈଥିଳି, ଅସମୀୟା, ଓଡ଼ିଆ ଆଦି ସବୁ ଭାଷାର ସମ୍ମିଶ୍ରଣ ଏହି ଚର୍ଯ୍ୟାଗୀତିକାରେ ଦେଖିବାକୁ ମିଳେ । ବୌଦ୍ଧଧର୍ମ ବଜ୍ରଯାନ, ସହଜଯାନ, କାଳଚକ୍ରଯାନ ଏହି ତନ୍ତ୍ରଯାନର ବିବର୍ତ୍ତନ । ବଜ୍ରଯାନର ପ୍ରବର୍ତ୍ତକ ସମ୍ବଳ ରାଜ୍ୟ ଅର୍ଥାତ୍ ଅଧୁନା ସମ୍ବଲପୁର ରାଜ୍ୟର ରାଜା ଇନ୍ଦ୍ରଭୂତି ଥିଲେ । ଯିଏକି ଜ୍ଞାନସିଦ୍ଧି ଗ୍ରନ୍ଥର ପ୍ରବର୍ତ୍ତକ । ତାଙ୍କ ଭଉଣୀ ଲକ୍ଷ୍ମୀଙ୍କର ସହଜଯାନର ପ୍ରବର୍ତ୍ତକ । ଇନ୍ଦ୍ରଭୂତିଙ୍କ ପୁଅ ପଦ୍ମସମ୍ଭବମ ତିବ୍ବତରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ରତ୍ନଗିରି ବିହାରରେ ଆଚାର୍ଯ୍ୟ ପିତପାଦ କାଳଚକ୍ରଯାନର ପ୍ରବର୍ତ୍ତକ ଥିଲେ । ଚର୍ଯ୍ୟାପଦରେ ତନ୍ତ୍ରଯାନ ସହଜଯାନର ପ୍ରଭାବ ପରିଲକ୍ଷିତ ହୁଏ । ସହଜ ସାଧନାର ମୂଳତତ୍ତ୍ୱ ବୋଧିତତ୍ତ୍ୱ ସମୁଦପାଦ ବୋଧିଚିତ ଅର୍ଥ ଜ୍ଞାନଚିତ ବା ଜ୍ଞାନର ଉଦୟ ଏବଂ ଶୂନ୍ୟତା ଓ କରୁଣା । ଶୂନ୍ୟତା ଓ କରୁଣାକୁ ଏମାନେ ବାମନାଡ଼ି ଓ ଦକ୍ଷିଣନାଡ଼ି ଇତ୍ୟାଦି ନାନା ଭାବରେ ବର୍ଣ୍ଣନା କରିଛନ୍ତି ।

**ସିଦ୍ଧାଚାର୍ଯ୍ୟ ଲୁଇପାଙ୍କ ମତରେ :**

"କାଆ ତରୁବର ପଂଚବିଡ଼ାଳ
ଚଂଚଳ ଚିଏ ପଇଠା କାଳ ।
ଦିଢ଼ କରିଣ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛୟ ଜାଣ ।
ସଅଳ ସମାହିଅ କାହି ଅରିଅଇ
ସୁଖ ଦୁଃଖେତ ନିଚିତ ମରିଅଇ ।"

ବୃକ୍ଷ ସଦୃଶ ଶରୀରର ପାଂଚଟି ଶାଖା । ବୁଦ୍ଧ ଦର୍ଶନରେ ମାନବ ଶରୀର ପଂଚସ୍କନ୍ଧର ସମାହାର । ପଂଚସ୍କନ୍ଧ ହେଲେ- ରୂପ, ବେଦନା, ସଂଜ୍ଞା, ସଂସ୍କାର, ବିଜ୍ଞାନ (ଚେତନା) । ହିନ୍ଦୁଧର୍ମର ପଂଚଭୂତ ଧାରଣା ବୌଦ୍ଧଧର୍ମର ପଂଚସ୍କନ୍ଧ ପରିକଳ୍ପନା ।

**ନାଥ ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ :**

ନାଥ ସାହିତ୍ୟ ବୌଦ୍ଧଧର୍ମ ପ୍ରଭାବିତ- ଏହା ପ୍ରମାଣିତ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଭିତରୁ କେତେକ ନାଥ ସିଦ୍ଧାଚାର୍ଯ୍ୟ ଭାବରେ ମଧ୍ୟ ପରିଚିତ ହୋଇଥିଲେ ନାଥଧର୍ମରେ ଯୋଗୀମାନେ ମସ୍ତକରେ ପୁଣ୍ଡରୀକ ଚିତା ଧାରଣ କରି ପଗଡ଼ି ବାନ୍ଧି କେନ୍ଦେରା ବଜାଇ ଭିକ୍ଷାବୃତ୍ତି କରନ୍ତି । ସେମାନେ ନାଥବ୍ରହ୍ମ ଅର୍ଥାତ୍ ଶୂନ୍ୟକୁ ବା ଶୂନ୍ୟ ସାଧନାକୁ ବିଶ୍ୱାସ କରନ୍ତି । କାୟା ସାଧନାର କେତେକ ଲକ୍ଷଣ ନାଥ ସାହିତ୍ୟରେ ଦେଖିବାକୁ ମିଳେ । ଯଥା- ଶିଶୁବେଦ, ସପ୍ତାଙ୍ଗ ଯୋଗ ଧାରଣା, ଅଷ୍ଟାଙ୍ଗ ଯୋଗ ଧାରଣା ।

ନାଥ ଧର୍ମର ଆଦ୍ୟଗ୍ରନ୍ଥ ଶିଶୁବେଦର ଦୃଷ୍ଟାନ୍ତ ସ୍ୱରୂପ:
ଯେବଣ ସେ ପକ୍ଷୀ ମହାରସ ଖାଇ
ବେନି ପକ୍ଷୀ ଛେଦିଲେ ଗଗନ ସମ୍ଭାଇ ।

ସହଜଯାନରେ କୁହାଯାଇଛି – ବିନା ଗୁରୁରେ ସହଜାନନ୍ଦ ବା ସହଜ ସୁଖ ଲାଭ କରିବା ଦୁଃସାଧ । ଗୁରୁଙ୍କ ନିର୍ଦ୍ଦେଶିତ ପଥ

ତେଣୁ ସାଧକମାନଙ୍କର ଧେୟ ହେବା ଆବଶ୍ୟକ ।

ଯୋଗଶାସ୍ତ୍ରରେ ଇଡ଼ା, ପିଙ୍ଗଳା ଓ ସୁଷମ୍ନା ନାଡ଼ିର ବ୍ରହ୍ମରନ୍ଧ୍ର ଠାରେ ମିଳନ ହୁଏ । ଗୋରେଖ ସଂହିତାରେ ଏହାର ସୂଚନାଯୋଗ୍ୟ ହୋଇଛି:

"ଚଉରାଶି ଆସନ ଅଷ୍ଟାଙ୍ଗ ଯୋଗ ଯେତେ
ପଂଚଶୀ ପାଖୁଡ଼ା ଷୋଳ ଡ଼ମ୍ବରୁ ସହିତେ
ବ୍ରହ୍ମରନ୍ଧ୍ର ଘରବାଟ ପବନର ଭେଟ
ଶୁଚିମନା ଦ୍ୱାରକରି ଭେଟ ଗୋଲାହାଟ ।" (୨)

ବଜ୍ରଯାନ ଓ ସହଜଯାନର ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱର ବାଖ୍ୟା । ନାଥ ଧର୍ମରେ ଅଲେଖ ଶୂନ୍ୟର ପ୍ରତୀକ । ଜଗତ ହେଉଛି ଶୂନ୍ୟ ଏବଂ ଏହି ଶୂନ୍ୟରୁ ସଂସାରର ସୃଷ୍ଟି । ଏହା ହିଁ ନାଥ ସାହିତ୍ୟ ସହିତ ବୌଦ୍ଧଧର୍ମର ସମ୍ପର୍କ ସୂଚାଏ ।

**ସାରଳା ସାହିତ୍ୟରେ ବୌଦ୍ଧଧର୍ମର ପ୍ରଭାବ :**

ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତାବ୍ଦୀ ଯାଏ ବୌଦ୍ଧଧର୍ମ ସାରା ସମଗ୍ର ବିଶ୍ୱ ଯଥା : ନେପାଳ, ଚୀନ, ତିବ୍ବତୀୟ, ଭାରତ ଏମିତି ଅନେକ ଦେଶରେ ପ୍ରସାର ଲାଭ କରିଥିଲା । ଦ୍ୱାଦଶ ଶତାବ୍ଦୀର ପରବର୍ତ୍ତୀ ମୁହୂର୍ତ୍ତରେ ପଂଚଦଶ ଶତାବ୍ଦୀର ଓଡ଼ିଶାରେ ବୌଦ୍ଧଧର୍ମ ପ୍ରାୟତଃ ଅବକ୍ଷୟ ଗ୍ରସ୍ତ ହୋଇସାରିଥିଲା । ତଥାପି ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ନଥିଲେ । ପଂଚଦଶ ଶତାବ୍ଦୀ ସାରଳା ଯୁଗ ରୂପେ ଖ୍ୟାତ । ଏହି ସମୟରେ ସାରଳା ଦାସ ମହାଭାରତକୁ ଓଡ଼ିଆରେ ଅନୁବାଦ କରିଥିଲେ ।

ଓଡ଼ିଶା ମାଟିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧଙ୍କର ଅବତାର ବୋଲି ଏତେବେଳକୁ ଗ୍ରହଣ କରାଯାଇ ସାରିଛି । ଇନ୍ଦ୍ରଭୂତି 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପେ ବର୍ଣ୍ଣନା କରିଛନ୍ତି । ସାରଳା ଦାସ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପେ ମହାଭାରତରେ ବର୍ଣ୍ଣନା କରିଛନ୍ତି । ସାରଳା ଦାସ ମହାଭାରତରେ ଅଶ୍ୱତ୍ଥମାର ଯୋଗସାଧନା ସମ୍ପର୍କରେ କହିବାକୁ ଯାଇ ଶରୀରକୁ ଏକ ବୃକ୍ଷ ସହିତ ତୁଳନା କରିଛନ୍ତି–

କାୟାସାଧନାରେ ଇଡ଼ା, ପିଙ୍ଗଳା ଓ ସୁଷମ୍ନା ନାଡ଼ିର ବିଶେଷ ଭୂମିକା ରହିଥାଏ । ଯୋଗ ସାଧନାରେ ଷଡ଼ଚକ୍ରର ଭୂମିକା ସର୍ବାଧିକ ନିଶ୍ଚୟ । ସାଧନା ବଳରେ ସାଧକ ଷଡ଼ଚକ୍ର ଭେଦ କରି ସହସ୍ରଦଳ ଚକ୍ରରେ ପହଂଚି ଥାଏ । ସହସ୍ରଦଳ ଚକ୍ରରୁ ଅମୃତ ପାନ କରି ସାଧକ ନିର୍ବାଣ ପ୍ରାପ୍ତି ହୁଏ ।

ବନପର୍ବରେ ଧର୍ମଚକ୍ର ସମ୍ପର୍କରେ:

"ଷଡ଼ପଦ୍ମ ପରେ ପୁଣି ତ୍ରିବେଣୀ ସଙ୍ଗମ
ନାସିକା ଚକ୍ଷୁ ମଧ୍ୟରେ କର ହୋ ସନ୍ଧାନ
ସେ କର୍ମ ପୁରୁଷଙ୍କୁ ଭେଟିବୁ ବୁଦ୍ଧି ବଳେ
ଅଜପା ଲୟେ କରିବା ବସିବ ନିଶ୍ଚଳେ"

ପୁନର୍ବାର ସାରଳା ଦାସ ଲେଖିଛନ୍ତି:

"ବନ୍ଦଇ ଶ୍ରୀଜଗନ୍ନାଥ ବୈକୁଣ୍ଠ ବାସୀ
ବୁଦ୍ଧ ରୂପେ ନୀଳଗିରି ଶିଖେ ଅଛି ବସି ।
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀ ଜନଙ୍କୁ କରୁଛ ଉଦ୍ଧାର ।
ବଉଦ୍ଧ ଅବତାରେ ନିଶ୍ଚେ ବିହରିବୁ
ଦୁଷ୍ଟ ମାରି ସନ୍ଥ ମାନଙ୍କୁ ପାଳିବୁ
ପୁରୁଷୋତ୍ତମ ନଗର ମହୋଦଧି ତୀରେ
ନୀଳଗିରି ପରବତ ଅଛି ତା ସ୍ଥାନରେ
ଦେଉଳ ଭିତରେ ସିଂହାସନେ ବିଜେ ହୋଇ
ବଉଦ୍ଧ ରୂପରେ ପ୍ରଭୁ ଶଙ୍ଖ ଚକ୍ର ବହି ।"

ସାରଳା ମହାଭାରତରେ ଅର୍ଥାତ୍ ପଂଚଦଶ ଶତାବ୍ଦୀରେ ବୁଦ୍ଧଙ୍କୁ ଶ୍ରୀଜଗନ୍ନାଥଙ୍କ ସହିତ ତୁଳନା କରି ଏକ ତୁଳନାତ୍ମକ ଧର୍ମ ସୃଷ୍ଟି ହୋଇଛି ପ୍ରବୁଦ୍ଧ ବୁଦ୍ଧ ଏବଂ ପ୍ରଚ୍ଛନ୍ନ ବୁଦ୍ଧ ସବୁ ସେହି ନିଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବତାର ।

**ପଂଚସଖା ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ :**

ପ୍ରାକ୍ ସାରଳା ଓ ସାହିତ୍ୟ ଓ ସାରଳା ସାହିତ୍ୟରେ ଯେପରି ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ ସେହିପରି ଭାବରେ ପଂଚସଖା ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ । ପଂଚସଖାମାନେ ଥିଲେ ଶୂନ୍ୟବାସୀ, ଶୂନ୍ୟକୁ ସେମାନେ ନିଜର ସାଧନାର ମାର୍ଗ ରୂପେ ବାଛି ନେଇଛନ୍ତି, ଶୂନ୍ୟ ସାଧନା, ହଠଯୋଗ, ଶରୀରତତ୍ତ୍ୱ ପଂଚସଖା ସାହିତ୍ୟରେ ବିଶେଷତ୍ୱ ।

ଈଶ୍ୱର ଦାସ ଚୈତନ୍ୟ ବୁଦ୍ଧଙ୍କ ଅବତାର ବୋଲି କହିଛନ୍ତି 'ଚୈତନ୍ୟ ଭାଗବତ'ରେ

ଚୈତନ୍ୟ ବିଷ୍ଣୁ ଅବତାର । କହିଲେ ବୌଦ୍ଧ ଶରୀର ।
ନୃସିଂହ ଅବତାର ହରି । ବୌଦ୍ଧ ତନୁ ଅବତରି ।

ଜଗନ୍ନାଥ ଦାସ ଭାଗବତର ପଂଚମ ସ୍କନ୍ଧରେ ବୁଦ୍ଧଙ୍କୁ ଏକ ଅବତାର ଭାବେ ଗ୍ରହଣ କରିଛନ୍ତି ।

ପ୍ରବୁଦ୍ଧ ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାରି ଏ ସଂସାରେ ।
ବେଦର ଧର୍ମ ବୁଡ଼ାଇବେ । ନିର୍ଗୁଣ ଧର୍ମ ପ୍ରଚାରିବେ ।
କରଣୀ ନକରିବେ ପୁଣ । ଏଣୁ ଏ ମାୟାର ଅଧୀନ ।

ପଂଚସଖା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ ମଧ୍ୟ ଦେଖାଯାଏ । ରୀତି ସାହିତ୍ୟ ଓ ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ । ଆଧୁନିକ ଓଡ଼ିଆ କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି ସମସ୍ତ ଦିଗରେ ବୌଦ୍ଧଧର୍ମର ପ୍ରଭାବ ରହିଛି । ବହୁତ ଲେଖକମାନେ ବୌଦ୍ଧ ଧର୍ମକୁ ଆଧାର କରି ସ୍ୱରଚନାମାନ ରଚିତ କରୁଛନ୍ତି ।

ବର୍ତ୍ତମାନର କଟକ ଜିଲ୍ଲାର ବଡ଼ମ୍ବା, ମାଣିଆବନ୍ଧ, ନୂଆପାଟଣା, ବାଙ୍କୀ ମହମ୍ମଦପୁର, ଆଠଗଡ଼, ବେଗୁନିଆ, ସାଲେପୁର ଆଦି ଅଂଚଳରେ ଏହି ମହାଯାନୀ ଗୋଷ୍ଠୀମାନେ କାଳାତିପାତ କରୁଛନ୍ତି । ଏମାନଙ୍କ ରୀତିନୀତି, ପୂଜାବିଧି, ହିନ୍ଦୁମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏମାନେ ସାଧାରଣ କର୍ମଠାରୁ ଆରମ୍ଭକରି ବିବାହ କର୍ମ ଆଦି କୌଣସି କର୍ମରେ ବ୍ରାହ୍ମଣଙ୍କୁ ଡ଼ାକି କର୍ମ କରନ୍ତି ନାହିଁ । ଖୁସିର କଥା ଏହିକି ଯେ ଏବେ ମଧ୍ୟ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରଚାର ଓ ପ୍ରସାର ହେଉଛି ।

**ସହାୟକ ସୂଚୀଗ୍ରନ୍ଥ :**


(୧) ପ୍ରଧାନ, ଲକ୍ଷ୍ମଣ କୁମାର - ଆଧୁନିକ ଓଡ଼ିଆ ସାହିତ୍ୟରେ ବୌଦ୍ଧ ଦର୍ଶନର ଆଲୋକ, ବାଙ୍କା ବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକଶ:୨୦୧୪

(୨) ମହାପାତ୍ର, ପ୍ରେମାନନ୍ଦ - ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍‌ଷ୍ଟୋର୍, ବିନୋଦ ବିହାରୀ, କଟକ-୨, ପଂଚମ ସଂସ୍କରଣ – ୨୦୧୯

(୩) ମହାପାତ୍ର, ଖଗେଶ୍ୱର - ଚର୍ଯାଗୀତିକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ଦଶମ ସଂସ୍କରଣ : ୨୦୧୭

(୪) ସଂଗ୍ରହ – ମହମ୍ମଦପୁର ବୌଦ୍ଧ ସଂଘ, ତଥାଗତ ବୁଦ୍ଧବିହାର, ମହମ୍ମଦପୁର, ନିଶ୍ଚିନ୍ତକୋଇଲି, କଟକ, ସିଟିସି ନମ୍ବର ୧୯୧୫୮/୬୪-୨୦୨୨-୨୩



ଗବେଷିକା
ଭୁବନେଶ୍ୱର
ଦୂରଭାଷ : ୯୩୩୭୪୫୦୨୧୧